# NATIONAL NEWS BULLETIN (ODIA)

## 10 August - 2026

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ସଂସଦର ଅନୁମୋଦନ ଲାଭ କଲା ଟିକସ୍ ଧାର୍ଯ୍ୟ ଏବଂ ଅନ୍ୟାନ୍ୟ ଆଇନ୍ ସଂଶୋଧନ ବିଲ୍ ୨୦୨୬ ।

– ବ୍ୟାଙ୍କର୍ସ୍ ବୁକ୍ସ ପ୍ରମାଣ ବିଲ୍ ୨୦୨୬ ସଂସଦରେ ଗୃହିତ ।

- ବିକଶିତ ଭାରତ ଗଠନ ଲାଗି ନାଗରିକମାନଙ୍କୁ ଏକତ୍ରିତ କରିବାର ସମ୍ମିଳିତ ପ୍ରୟାସ 'ହର୍ ଘର୍ ତ୍ରିରଙ୍ଗା' ମାଧ୍ୟମରେ ପ୍ରତିଫଳିତ ହେଉଛି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଇରାନ୍ ବିରୁଦ୍ଧରେ ଆମେରିକାର ଜଳପଥ ଅବରୋଧ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଖୋଲାଯିବ ନାହିଁ ହର୍ମୁଜ୍ ପ୍ରଣାଳୀ, ସ୍ପଷ୍ଟ କଲା ଇରାନ୍ ।

ଏବଂ

- ଚଳିତ ବର୍ଷ ଏଫ୍.ଆଇ.ଏଚ୍. ହକି ପୁରୁଷ ଓ ମହିଳା ବିଶ୍ୱକପ୍ ଆରମ୍ଭ ହେବ ଆସନ୍ତା ୧୫ରୁ ।

# ଟ୍ୟାକ୍ସେସନ୍ ବିଲ୍

ଟିକସ ଧାର୍ଯ୍ୟ ଏବଂ ଅନ୍ୟାନ୍ୟ ଆଇନ୍ ସଂଶୋଧନ ବିଲ୍ ୨୦୨୬ ଆଜି ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କରିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ ଏହି ବିଲ୍ ପୂର୍ବରୁ ଲୋକସଭାରେ ପାରିତ ହୋଇସାରିଛି । ଦେୟ ଏବଂ ସମାଧାନ ବ୍ୟବସ୍ଥା ଆଇନ୍ ୨୦୦୭ ଆୟକର ଆଇନ୍ ୨୦୨୫ ଏବଂ ଅର୍ଥ ଆଇନ୍ ୨୦୨୬ରେ ସଂଶୋଧନ କରିବା ହେଉଛି ଏହି ବିଲ୍‌ର ଉଦ୍ଦେଶ୍ୟ ।

ଏହି ବିଲ୍ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଭାରତର ବିନିର୍ମାଣ ଇକୋସିଷ୍ଟମ୍‌କୁ ଅଧିକ ସଶକ୍ତ କରିବା, ଅଧିକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ବିନିର୍ମାଣ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ହେଉଛି ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏତଦ୍‌ବ୍ୟତୀତ ଦେଶର ଆର୍ଥିକ କ୍ଷେତ୍ରରେ ଏକ ପ୍ରମୁଖ ସଂସ୍କାର ମୂଳକ ପଦକ୍ଷେପ ସ୍ୱରୂପ ଭାରତର ନିର୍ଦ୍ଦିଷ୍ଟ ଡାଟା କେନ୍ଦ୍ରରୁ ଡାଟା ସେବା ଉପଲବ୍ଧ କରୁଥିବା ବିଦେଶୀ କମ୍ପାନୀଗୁଡ଼ିକୁ ଟିକସ ରିହାତି ମଧ୍ୟ ଏହି ବିଲ୍ ମାଧ୍ୟମରେ ପ୍ରଦାନ କରାଯାଇପାରିବ ।

ଏହାଦ୍ୱାରା ବିଶ୍ୱସ୍ତରରେ କ୍ଲାଉଡ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଲାଗି ଭାରତରେ ବ୍ୟବସାୟ କରିବା ପ୍ରକ୍ରିୟା ଅଧିକ ସରଳ ହେବା ସହିତ

ଦେଶର ଡାଟା କେନ୍ଦ୍ର ଇକୋସିଷ୍ଟମ୍‌କୁ ମଧ୍ୟ ସମ୍ପ୍ରସାରିତ କରାଯାଇପାରିବ ଏବଂ ଏ.ଆଇ. ପରିଚାଳିତ ଡାଟା ସହରଗୁଡ଼ିକୁ ବିକଶିତ କରିବାରେ ସହାୟକ ହୋଇପାରିବ । ଏହି ସଂସ୍କାର ମୂଳକ ପଦକ୍ଷେପ ମାଧ୍ୟମରେ ଭାରତର ବର୍ତ୍ତମାନର ଡାଟା କେନ୍ଦ୍ରଗୁଡ଼ିକ ନିଜର ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଲାଭାନ୍ୱିତ ହୋଇପାରିବେ ବୋଲି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ତି ।

ୟୁପିଆଇ ବ୍ୟବହାରକାରୀଙ୍କ ଉପରେ କୌଣସି ପ୍ରକାର ଟିକସ ବା ନେଣଦେଣ ପ୍ରାପ୍ୟ ଲାଗୁ କରିବାର ବ୍ୟବସ୍ଥା ଏହି ବିଲ୍‌ରେ ନାହିଁ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଏହି ସଂଶୋଧନ ପ୍ରକ୍ରିୟା ଦ୍ୱାରା ବିଶ୍ୱସ୍ତରରେ ହୀରା ବ୍ୟବସାୟ କାରବାରକୁ ଭାରତକୁ ଆକର୍ଷିତ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିଲାଗି ଆର୍ଥିକ ସହାୟତା ସହିତ ଦେଶ ମଧ୍ୟରେ ଏହାର କିଣାବିକା କରିବା ଦିଗରେ ଏକ ସମନ୍ୱିତ ଇକୋସିଷ୍ଟମ୍ କାର୍ଯ୍ୟକାରି କରିବା ଲାଗି ସରକାର ପଦକ୍ଷେପ ନେବେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ବ୍ୟାଙ୍କର୍ସ୍ ବିଲ୍

ବ୍ୟାଙ୍କର୍ସ୍ ବୁକ୍ସ ପ୍ରମାଣ ବିଲ୍ ୨୦୨୬ ଆଜି ରାଜ୍ୟସଭାର ଅନୁମୋଦନ ପାଇବା ପରେ ସଂସଦର ଅନୁମୋଦିତ ହୋଇଛି ।

ବର୍ତ୍ତମାନର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଆବଶ୍ୟକତା ଅନୁଯାୟୀ ଆଇନ୍‌ଗତ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ହେଉଛି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏହି ବିଲ୍ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଦେଶର ଆର୍ଥିକ କ୍ଷେତ୍ରରେ ଏହି ବିଲ୍ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ମୂଳକ ପଦକ୍ଷେପ । ଯାହାଦ୍ୱାରା ଭବିଷ୍ୟତରେ ଦେଶ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିପାରିବ । ୧୮୯୧ ମସିହାରେ ପ୍ରଣୟନ କରାଯାଇଥିବା ଏହି ଆଇନ୍ ଉପରେ ଆଲୋକପାତ କରି ସେ କହିଛନ୍ତି, ସେହି ସମୟରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଦସ୍ତାବିଜ୍ ଭିତ୍ତିକ ଥିଲା । ମାତ୍ର ବର୍ତ୍ତମାନ ଭାରତ ନିଜର ଅର୍ଥ ବ୍ୟବସ୍ଥାକୁ ଡିଜିଟାଇଜ୍ କରିବା ଦିଗରେ ଏକ ଉଲ୍ଲେଖନୀୟ ପ୍ରଗତି ହାସଲ କରିସାରିଛି । ଦେଶରେ ଉଭୟ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ନେଣଦେଣ ବ୍ୟବସ୍ଥା ବର୍ତ୍ତମାନ ମୁଖ୍ୟତଃ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବିଶେଷ କରି ମୋବାଇଲ୍ ଫୋନ୍ ମାଧ୍ୟମରେ ଦ୍ୱାରା ପରିଚାଳିତ ହେଉଛି । ଏଭଳି ସ୍ଥିତିରେ ୧୮୯୧ ମସିହାରେ ପ୍ରଣୀତ ଏହି ଆଇନ୍‌ର ସଂଶୋଧନ ନିହାତି ଜରୁରୀ ଥିଲା ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

# ରିଜିଜୁ-ଡିସ୍କସନ୍

ସାମ୍ପ୍ରତିକ ଛାତ୍ର ପ୍ରତିବାଦ ଏବଂ ଏ ସମ୍ପର୍କିତ ସମସ୍ତ ପ୍ରସଙ୍ଗରେ ସଂସଦର ବିସ୍ତୃତ ଆଲୋଚନା କରିବା ଲାଗି ସରକାର ପ୍ରସ୍ତୁତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି । ଆଜି ସଂସଦୀୟ କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକ ପରେ ସଂସଦ ପରିସରରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ ଏହା କହିଛନ୍ତି ।

ତେବେ ଆଲୋଚନା ସମୟରେ ସଂସଦରେ ହଟ୍ଟଗୋଳ ନ କରି ଗୃହ କାର୍ଯ୍ୟକୁ ସମ୍ପନ୍ନ କରିବା ଦିଗରେ ସହଯୋଗ କରିବା ଲାଗି ସେ ବିରୋଧି ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ଛାତ୍ର ପ୍ରତିବାଦ ଏବଂ ଏ ସମ୍ପର୍କରେ ବିରୋଧି ସାଂସଦମାନଙ୍କ ଦ୍ୱାରା ଉତ୍ଥାପିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୃହରେ ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରସ୍ତୁତ ଅଛନ୍ତି ।

ଏହାଛଡ଼ା ଏହି ତଥ୍ୟ ସମ୍ପର୍କରେ ଅବଗତ ହେବା ଲାଗି ଦେଶର ନାଗରିକମାନେ ଅଧିକାର ରହିଛି ବୋଲି ଶ୍ରୀ ରିଜିଜୁ ମତବ୍ୟକ୍ତ କରିଛନ୍ତି । ସଂସଦରେ କୌଣସି ପ୍ରସଙ୍ଗ ଉପରେ ଆଲୋଚନାରୁ ସରକାର କେବେ ଦୂରେଇ ଯାଇ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି । ଆଜି ଅନୁଷ୍ଠିତ ସଂସଦୀୟ ପରାମର୍ଶଦାତା କମିଟି ବୈଠକରେ ଏ ସମ୍ପର୍କରେ ସଂସଦରେ ବିସ୍ତୃତ ଆଲୋଚନା କରିବା ଲାଗି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

**V/O1—RIJIJU**

# ଏଲ୍‌ଏସ୍-ଟ୍ରିବ୍ୟୁନାଲ୍ ବିଲ୍

ଲୋକସଭାରେ ଆଜି ଟ୍ରିବୁନାଲ୍ ସଂସ୍କାର ବିଲ୍ ୨୦୨୬ ପାରିତ ହୋଇଛି । ଅପରାହ୍ଣ ୨ଟାରେ ଦ୍ୱିତୀୟଥର ମୁଲତବୀ ପରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ବିରୋଧିଙ୍କ ହଟ୍ଟଗୋଳ ମଧ୍ୟରେ ଏହି ବିଲ୍ ଆଗତ କରିଥିଲେ । ମାତ୍ର ବିରୋଧିଙ୍କ ପକ୍ଷରୁ ଗୃହରେ ଚାଲିଥିବା ହଟ୍ଟଗୋଳ ମଧ୍ୟରେ ଏହି ବିଲ୍ ବିନା ଆଲୋଚନାରେ ଅନୁମୋଦନ ଲାଭ କରିଛି । ତେବେ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ଟ୍ରିବୁଲ୍‌ନାଲ୍ ଗୁଡ଼ିକର କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆଣିବା, ସ୍ୱାଧୀନତା ସୁନିଶ୍ଚିତ କରିବା, ସ୍ୱଚ୍ଛତା ବଜାୟ ରଖିବା ସହିତ ଟ୍ରିବୁନାଲ୍‌ର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ଯୋଗ୍ୟତା, ନିଯୁକ୍ତିରେ ସମାନତା ସୁନିଶ୍ଚିତ କରିବା ହେଉଛି ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ବିଲ୍ ଉପରେ ଗୃହରେ ନିଜର ମତରଖି ଶ୍ରୀ ମେଘୱାଲ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ସଂସ୍କାର ଏକ୍ସପ୍ରେସ୍‌ର ଏକ ଅଂଶସ୍ୱରୂପ ଏହି ବିଲ୍ ଆଗତ କରାଯାଇଛି । ଅଦାଲତକୁ ବଦଳାଇବା ନୁହେଁ ବରଂ ଆଧୁନିକ ଶାସନରେ ସମୟ ସହିତ ତାଳ ଦେଇ ପରିପୂରକ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବା ହେଉଛି ଟ୍ରିବୁଲନାଲ୍ ଗୁଡ଼ିକର ଉଦ୍ଦେଶ୍ୟ । କମ୍ପାନୀ ଆଇନ୍,

ଟିକସ, ପରିବେଶ, ବୌଦ୍ଧିକ ସମ୍ପତ୍ତି ସମେତ ବିଭିନ୍ନ ନିୟାମକ କ୍ଷେତ୍ରରେ ତ୍ୱରିତ ଓ ପ୍ରଭାବଶାଳୀ ନ୍ୟାୟ ପ୍ରଦାନ କରିବା ଦିଗରେ ଏହି ବିଲ୍‌ରେ ବ୍ୟବସ୍ଥା କରାଯାଇଛି ।

## ଶାହା– ହାର୍ ଘର୍ ତ୍ରିରଙ୍ଗା

ଦେଶର ମିଳିତ ଶକ୍ତି ଏବଂ ଏକ ବିକଶିତ ଭାରତ ଗଠନ ଲାଗି ନାଗରିକମାନଙ୍କୁ ଏକତ୍ରିତ କରିବା ଦିଗରେ ସମ୍ମିଳିତ ପ୍ରୟାସ ‘ହର୍ ଘର ତ୍ରିରଙ୍ଗା ଅଭିଯାନ’ରେ ପ୍ରତିଫଳିତ ହେଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି, ଏହି ଅଭିଯାନ’ ବନ୍ଦେ ଭାରତମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ସହିତ ମିଳିତ ଭାବେ ଅନୁଷ୍ଠିତ ହେଉଛି । ଯାହାକି ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶ ଭକ୍ତି ଜାଗ୍ରତ କରାଇବାରେ ସହାୟକ ହୋଇଛି । ତ୍ରିରଙ୍ଗା ଯାତ୍ରା, ତ୍ରିରଙ୍ଗା ର୍‍ୟାଲି, ବନ୍ଦେ ଭାରତମ୍‌ର ସମୂହ ସ୍ୱାକ୍ଷର ଅଭିଯାନରେ ସାମିଲ ହେବା ସହିତ ଏବଂ ତ୍ରିରଙ୍ଗା ଉତ୍ତୋଳନ କରି ଏହାର ସେଲ୍‌ଫି ‘ହର୍ ଘର୍ ତ୍ରିରଙ୍ଗା ଡଟ୍ କମ୍’ରେ ଅପ୍‌ଲୋଡ୍ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ପିଏମ୍-ସିଡବ୍ଲୁଜି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀସ୍ଥିତ ବାସଭବନରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ବିଜେତାମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ପଦକ ବିଜେତାମାନେ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ସମୟରେ ଖେଳ ସହିତ ଜଡ଼ିତ ସେମାନଙ୍କ ଅନୁଭବ ସଂପର୍କରେ କହିଥିଲେ । ଏହି ଅବସରରେ ଖେଲୋ ଇଣ୍ଡିଆର ସମ୍ମାନ ବୃଦ୍ଧି କରିବା ଲାଗି ପ୍ରଧାନମନ୍ତ୍ରୀ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି । ଦେଶରେ ଏକ ସଶକ୍ତ କ୍ରୀଡ଼ା ସଂସ୍କୃତି ମାଧ୍ୟମରେ ହିଁ ଦେଶକୁ ପ୍ରତିଯୋଗିତାରେ ମେଡାଲ୍ ଉପଲବ୍ଧ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । **V/O**

## ଇଣ୍ଡିପେଣ୍ଡେନ୍ସ ଡେ

ଦେଶର ୮୦ତମ ସ୍ୱାଧୀନତା ଦିବସ ସମାରୋହରେ  ଚଳିତ ବର୍ଷ ୨୦୪୭ ସୁଦ୍ଧ ବିକଶିତ ଭାରତ ଗଠନ ଦିଗରେ ଯୁବଶକ୍ତିଙ୍କର ଅବଦାନ ଏବଂ ଜାତୀୟ ସଂଗୀତ ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତି ପାଳନ ଉତ୍ସବ ଉପରେ ଆଲୋକପାତ କରାଯିବ । ଆଜି ନୂଆଦିଲ୍ଲୀଠାରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ନୂଆଦିଲ୍ଲୀ ସ୍ଥିତ ଐତିହାସିକ ଲାଲ୍‌କିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କ ନେତୃତ୍ୱରେ ଏହି ସମାରୋହ ଆରମ୍ଭ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ସମାରୋହରେ ଲାଲ୍‌କିଲାରେ ପ୍ରଥମଥର ଲାଗି ଏହି ସଂଗୀତ ଗାନ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି ।

## ଇରାନ୍-ହର୍ମୁଜ୍

ଇରାନ୍ ବିରୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ କରାଯାଇଥିବା ଜଳପଥ ଅବରୋଧକୁ ପ୍ରତ୍ୟାହାର ନ କରାଯିବା ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀକୁ ପୁନଶ୍ଚ ଖୋଲାଯିବ ନାହିଁ ବୋଲି ଇରାନ୍ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଇଜ୍‌ମାଇଲ୍ ବାକେଇ କହିଛନ୍ତି । ତେହେରାନ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ ସେ କହିଛନ୍ତି, ଇରାନ୍ ବିପକ୍ଷରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ ରଖାଯାଇଛି । ତେବେ ଏହି ପ୍ରସଙ୍ଗରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ କୌଣସି ପ୍ରକାର ଆଲୋଚନା ବର୍ତ୍ତମାନ ଜାରି ରହି ନାହିଁ ବୋଲି ପୂର୍ବରୁ ଇରାନ୍‌ର ବୈଦେଶିକ ମନ୍ତ୍ରୀ ସଇଦ୍ ଆବାସ୍ ଆରାଗ୍‌ଚି ମତବ୍ୟକ୍ତ କରିସାରିଛନ୍ତି ।

# ହକି

ଏଫ୍‌ଆଇଏଚ୍ ହକି ପୁରୁଷ ଓ ମହିଳା ବିଶ୍ୱକପ୍ ୨୦୨୬ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ । ବେଲ୍‌ଜିୟମ୍ ଏବଂ ନେଦରଲ୍ୟାଣ୍ଡସ୍ ମିଳିତ ଭାବେ ଆୟୋଜନ କରୁଥିବା ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୩୦ ତାରିଖରେ ଶେଷ ହେବ ।  ଭାରତୀୟ ପୁରୁଷ ଦଳ ପୁଲ୍-ଡି'ରେ ସ୍ଥାନ ପାଇଛି । ଏଥିରେ ଇଂଲଣ୍ଡ, ପାକିସ୍ତାନ ଏବଂ ୱେଲ୍ସ ମଧ୍ୟ ରହିଛନ୍ତି । ସେହିଭଳି ମହିଳା ବର୍ଗରେ ଭାରତୀୟ ଦଳ ପୁଲ୍-ଡି'ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି ।